## ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ନିମିତ୍ତ ଜିଲ୍ଲା ସଂଯୋଜକ ଓ ସଦସ୍ୟମାନଙ୍କ ପାଇଁ ନିୟମାବଳୀ

୧. ଆମ୍ଭମାନଙ୍କ ପ୍ରତ୍ୟେକ କାର୍ଯ୍ୟରେ ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତଙ୍କ ଲକ୍ଷ ଓ ପରିକଳ୍ପନା ପ୍ରତିଫଳିତ ହେଉଥିବା ଜରୁରୀ।

୨. ଆର୍ଟ ଅଫ୍ ଗିଭିଂ ଡେ କେବଳ ଗୋଟିଏ ଦିନର ଉତ୍ସବ ନହୋଇ ଆମ୍ଭମାନଙ୍କ ଦୈନନ୍ଦିନ ଜୀବନରେ ଏହାର ଦର୍ଶନକୁ କାର୍ଯ୍ୟକାରୀ କରିବାର ଅଭ୍ୟାସ କରିବା।

୩. ସଦସ୍ୟ ଓ ସଂଯୋଜକମାନଙ୍କ ଦ୍ବାରା ଉତ୍ସବ ପାଳନର ଆଗ୍ରହ ଓ ଉତ୍ସୁକତାକୁ ବିଭିନ୍ନ ମାଧ୍ୟମରେ ପ୍ରଚାର ଓ ପ୍ରସାର କରାଯିବା ଉଚିତ।

୪. ଆର୍ଟ୍ ଅଫ୍ ଗିଭିଂ ଦିବସ ପାଳନ ପାଇଁ ସ୍ଥାନ ନିର୍ଦ୍ଧାରଣ ସମୟରେ ପ୍ରତିଭାଗୀମାନଙ୍କର ସାମ୍ଭାବ୍ୟ ସୁବିଧା ଅସୁବିଧା ଯେମିତି କି ଯାନବାହନ ରହଣୀ, ବସିବା ପାଇଁ ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ ଇତ୍ୟାଦିର ବ୍ୟବସ୍ଥା ପ୍ରତି ଗୁରୁତ୍ତ୍ୱ ଦେବାପାଇଁ ପଡ଼ିବ।

୫. ଆର୍ଟ୍ ଅଫ୍ ଗିଭିଂ ଦିବସ ପାଳନ ସମୟରେ ପ୍ରତିଭାଗୀମାନଙ୍କ ନାମ, ଫୋନ୍, ହ୍ୱାଟସଅପ୍, ଇମେଲ୍, ଡାକ ଠିକଣା ସହିତ ପଞ୍ଜିକରଣ ହେବା ଆବଶ୍ୟକ। ପ୍ରତ୍ୟେକ ସଂଯୋଜକ ଅଥବା ସଦସ୍ୟଙ୍କ ଦ୍ବାରା ଅନ୍ୟୁନ ୨୦୦ ରୁ ୫୦୦ ନୂତନ ସଦସ୍ୟଙ୍କ ପଞ୍ଜୀକରଣ ହେବା ଆବଶ୍ୟକ।

୬. ସଦସ୍ୟ, ସଂଯୋଜକ ଏବଂ ସ୍ୱେଚ୍ଛାସେବୀମାନେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ଆର୍ଟ୍ ଅଫ୍ ଗିଭିଂ କେନ୍ଦ୍ରୀୟ ଟିମ୍ କୁ ଅବଗତ କରାଇବା ଉଚିତ।

୭. ପୂର୍ବ ଅନୁମତି ସହିତ ସ୍କୁଲ, କଲେଜ, ୟୁନିଭରସିଟି, କ୍ଲବ ଏବଂ ସ୍ପୋର୍ଟ୍ସ ଗ୍ରାଉଣ୍ଡ ମାନଙ୍କୁ ଆର୍ଟ୍ ଅଫ୍ ଗିଭିଂ ଦିବସ ପାଳନ ପାଇଁ ଉପଯୁକ୍ତ ସ୍ଥାନ ବିଚାର କରିବା ଉଚିତ ହେବ।

୮. ଆର୍ଟ୍ ଅଫ୍ ଗିଭିଂ ୱେବସାଇଟ୍ www.artofgiving.in.net ରୁ ବ୍ୟାନର ଏବଂ ପ୍ରଚାର ସାମଗ୍ରୀକୁ ଡାଉନଲୋଡ୍ କରାଯାଇ ବ୍ୟବହାର କରିବା ଉଚିତ।

୯. ଟିସାର୍ଟ୍, କ୍ୟାପ୍, ବ୍ୟାଜ୍ ଇତ୍ୟାଦି ଆର୍ଟ୍ ଅଫ୍ ଗିଭିଂର ଲୋଗୋ ଏବଂ ଏ ବର୍ଷର ବାର୍ତ୍ତା ରଖି ନିଜ ପ୍ରୟାସରେ ଛାପି ପାରିବେ।

୧୦. ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଯଥା ବିଡିଓ, ତହସିଲଦାର୍ ଙ୍କ ସହିତ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିଦ୍ ଏବଂ ସାମାଜିକ କର୍ମୀମାନଙ୍କୁ ଉଦବୋଧନ ପାଇଁ ନିମନ୍ତ୍ରଣ କରାଯାଇପାରେ।

୧୧. ଆର୍ଟ୍ ଅଫ୍ ଗିଭିଂ ଦିବସ ପାଳନ ପାଇଁ ସାମ୍ଭାବ୍ୟସ୍ଥଳ ଏବଂ ଅତିଥି ସମ୍ପର୍କରେ କେନ୍ଦ୍ରୀୟଟିମ୍ କୁ ପୂର୍ବରୁ ସୂଚନା ପ୍ରଦାନ କରାଯିବା ଆବଶ୍ୟକ।

୧୨. ସୋସିଆଲ୍ ମିଡିଆରେ ଆର୍ଟ୍ ଅଫ୍ ଗିଭିଂ ଦିବସ ପାଳନ ସମ୍ବନ୍ଧୀୟ ଫଟୋ ଏବଂ ଲେଖା ପୋଷ୍ଟ କରିବା ପୂର୍ବରୁ କେନ୍ଦ୍ରୀୟ ଟିମଙ୍କ ପରାମର୍ଶ ନେବା ଉଚିତ।

୧୩. ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସଂଯୋଜକ କୌଣସି ନିଜସ୍ବ ମନ୍ତବ୍ୟ ନଦେଇ କାର୍ଯ୍ୟକ୍ରମ ସ୍ଥାନକୁ ପ୍ରସାରଣ କରିବା ସହିତ ସାର୍ ଙ୍କ ବାର୍ତ୍ତାକୁ ପ୍ରଦାନ କରିବା ଉଚିତ ହେବ।